## ସଂକ୍ଷେପରେ

### ଚାଷୀଙ୍କୁ ଅସହଯୋଗର ପ୍ରତିବାଦ

**ଢେଙ୍କାନାଳ ଅଫିସ, ୨୨।୧:** ଚାଷୀ ଆନ୍ଦୋଳନରେ ସାମିଲ ହେବାକୁ ଓଡ଼ିଶାରୁ ନୂଆଦିଲ୍ଲୀ ଯାଉଥିବା କୃଷକଙ୍କ ଗାଡ଼ିକୁ ଉତ୍ତର ପ୍ରଦେଶ ସରକାର ଅଟକ ରଖିବା ଘଟଣାକୁ ନେଇ ଢେଙ୍କାନାଳ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଓଡ଼ାପଡ଼ା ବ୍ଲକ ୫୫ନଂ. ଜାତୀୟ ରାଜପଥର ଅଙ୍କରାନ୍ତିପୁରଠାରେ ପ୍ରତିବାଦ କରାଯାଇଥିଲା। ଚାଷୀଙ୍କୁ ଅସହଯୋଗ କରୁଥିବା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶ ପୁତ୍ତଳିକା ଦାହ କରାଯିବା ସହ ନୂତନ କୃଷି ଆଇନକୁ ବିରୋଧ କରାଯାଇଥିଲା। ସଙ୍ଗଠନର ସହ ସମ୍ପାଦକ ପ୍ରହ୍ଲାଦ ସାହୁ, ସୁଶୀଲ ପରିଡ଼ା, ଧର୍ମାନନ୍ଦ ପରିଡ଼ା, ସୁଧାକର ପରିଡ଼ା, ସମଲେଶ୍ୱରୀ ପ୍ରସାଦ ମଲ୍ଲିକ, ଚଗଲା ପ୍ରଧାନ, ଇନ୍ଦ୍ରମଣି ଜେନା, ସୌଦାଗର ଜେନା, ଶତ୍ରୁଘ୍ନ ମହାନ୍ତି, ଆକାଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ହିନ୍ଦୋଳ କଲେଜରେ ୱେବିନାର

**ସାତମାଇଲ, ୨୨।୧(ଡି.ଏନ.ଏ.):** ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ଶୁକ୍ରବାର ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। 'ମାଧ୍ୟାକର୍ଷଣର ବିଶ୍ୱ-ନିଉଟନଙ୍କଠାରୁ ଆଇନଷ୍ଟାଇନ୍ ପର୍ଯ୍ୟନ୍ତ' ଶୀର୍ଷକ ଏହି ଆଲୋଚନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଣ୍ଡିତ ରବିଶଙ୍କର ଶୁକ୍ଲା, ମୁଖ୍ୟବକ୍ତା ପୂର୍ବତନ କୁଳପତି ଏସ୍.କେ. ପାଣ୍ଡେ ଯୋଗଦେଇ କହିଲେ ନିଉଟନଙ୍କ ମାଧ୍ୟାକର୍ଷଣ ତତ୍ତ୍ୱ ପୃଥିବୀର ଅନେକ ଅନାଲୋଚିତ ପ୍ରସଙ୍ଗକୁ ସର୍ବସମ୍ମୁଖକୁ ଆଣିପାରିଛି। ପୃଥିବୀ, ଗ୍ରହଙ୍କ ଗତି ସମେତ ଛାୟାପଥର ବିଘଟନ ସମ୍ପର୍କରେ ଗବେଷଣା କରିବା ସହଜ ହୋଇଛି। ସେହିପରି ପଦାର୍ଥ ବିଜ୍ଞାନୀ ଆଇନଷ୍ଟାଇନ୍‌ଙ୍କ ଅବଦାନ ବିଜ୍ଞାନକୁ ନୂଆ ଦିଗ ଦେଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ଅଶୋକ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ୱେବିନାରକୁ କଲେଜ ଅଧ୍ୟକ୍ଷ ଡ. ଶଶଧର ବିଶ୍ୱାଳ ଶୁଭାରମ୍ଭ କରିଥିଲେ। ବିଭିନ୍ନ କଲେଜର ବହୁ ଅଧ୍ୟାପିକା, ଅଧ୍ୟାପକ, ଗବେଷକ ଏବଂ ଛାତ୍ରୀଛାତ୍ର ଏଥିରେ ଯୋଡ଼ି ହୋଇଥିଲେ। ବରିଷ୍ଠ ଅଧ୍ୟାପକ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଢେଙ୍କାନାଳ ଅଫିସ, ୨୨।୧:** ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ସଦେଇବେରେଣୀ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ବାଇକ୍-ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିନାହିଁ। ତେବେ ମୃତକ ପରଜଙ୍ଗ ଅଞ୍ଚଳର ବୋଲି ଜଣାପଡ଼ିଛି। ସେ ଶଙ୍କରପୁର ଆଡ଼କୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

# ଆଲୋଚନାରୁ ବାହାରିଲାନି ବାଟ

**ଅନୁଗୋଳ ଅଫିସ, ୨୨।୧**


ଜିଲା ପ୍ରଶାସନ ପକ୍ଷରୁ ତ୍ରିପାକ୍ଷିକ ଆଲୋଚନା ଚାଲିଛି।

- ନାଲ୍‌କୋରୁ ଆଲୁମିନିୟମ ପରିବହନ ବିବାଦ
- ହସ୍ତକ୍ଷେପ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ଟ୍ରକରେ ଅଧିକ ପରିବହନ ଉପରେ ଜିଲାପାଳଙ୍କ ଗୁରୁତ୍ୱ

ଅନୁଗୋଳ ଜିଲା ନାଲ୍‌କୋରୁ ଟ୍ରେନ୍‌ରେ କୋଇଲା ପରିବହନ ନେଇ ଦେଖାଦେଇଥିବା ବିବାଦ ଉପରେ ଶୁକ୍ରବାର ଜିଲା କାର୍ଯ୍ୟାଳୟରେ ତ୍ରିପାକ୍ଷିକ ବୈଠକ ବସିଥିଲା। ଏଥିରେ ଟ୍ରକ୍ ମାଲିକ ସଂଘ, ପ୍ରଶାସନ ଓ ନାଲ୍‌କୋ ଅଧିକାରୀ ଯୋଗ ଦେଇଥିଲେ। ତେବେ ଏହି ଆଲୋଚନାରେ ସମାଧାନର ବାଟ ବାହାରି ପାରି ନ ଥିଲା। ପରେ ଇସ୍ପାତ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ହସ୍ତକ୍ଷେପ କରିଥିଲେ। ଫଳରେ ଟ୍ରକ୍‌ରେ ଅଧିକ ପରିବହନ କରିବାକୁ ନାଲ୍‌କୋ କର୍ତ୍ତୃପକ୍ଷ ଆଂଶିକ ଭାବେ ରାଜି ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଟ୍ରକ୍‌ରେ ଅଧିକ ପରିବହନ ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।

ଟ୍ରକ୍‌ରେ ପର୍ଯ୍ୟାପ୍ତ ପରିମାଣର ଆଲୁମିନିୟମ ପରିବହନ ହେଉ ନ ଥିବାରୁ ଅନୁଗୋଳ ଜିଲା ଟ୍ରକ୍ ମାଲିକ ସଂଘ ଓ କୁଲାଡ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଗତମାସ ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ପରିବହନ ବନ୍ଦ କରାଯାଇଥିଲା। ପୂର୍ବରୁ ବୈଠକ ବସିଥିଲେ ମଧ୍ୟ ସମାଧାନର ବାଟ ଫିଟୁ ନ ଥିଲା। ଏ ନେଇ ପୂର୍ବରୁ ଟ୍ରକ ମାଲିକ ସଂଘ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଗଢ଼ାଯାଇଥିବା ବୈଷୟିକ କମିଟି ସମାଧାନ କରି ନ ପାରିବାରୁ ଗୁରୁବାର ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ ସମ୍ମୁଖରେ ଟ୍ରକ୍ ମାଲିକମାନଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା। ଖବର ପାଇ ଅନୁଗୋଳ ପୋଲିସ ୧୬ ଜଣଙ୍କୁ ରାତିରେ କୋର୍ଟଚାଲାଣ କରିଥିଲା। ପରେ ସମାଧାନ ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସଡ଼କ ପଥରେ ମାଲ୍ ପରିବହନ ପାଇଁ ଟ୍ରାନ୍ସପୋର୍ଟର, ନାଲ୍‌କୋ କର୍ତ୍ତୃପକ୍ଷ ଏବଂ ୨ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ବସି ସମସ୍ୟାର ସମାଧାନ ଦିଗରେ ଯଥାଶୀଘ୍ର ବାଟ ବାହାର କରିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିରେ ନାଲ୍‌କୋ କର୍ତ୍ତୃପକ୍ଷ ସହଯୋଗ କରିବାକୁ ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଜଗମୋହନ ମୀନା, ଏଡିଏମ୍ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ତାଳଚେର ଆରଟିଓ ସୌମେନ୍ଦ୍ର ପଟ୍ଟନାୟକ, ଜିଲା ଟ୍ରକ୍ ମାଲିକ ସଂଘ ସଭାପତି ବିଭୂତି ପ୍ରସାଦ ଦାସ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ସାମନ୍ତ, ଉପସଭାପତି ପ୍ରମୋଦ ପ୍ରଧାନ, କୁଲାଡ ଟ୍ରକ୍ ମାଲିକ ସଂଘ ସଭାପତି ରାଜୀବ ଜେନା, ସମ୍ପାଦକ ରଣଜିତ ସେଠ, ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡା, ଜିଏମ୍ ଏସ୍.ଏନ୍. ସାହୁ, ଜିଏମ୍ ମ୍ୟାଟେରିଆଲ ଡି.ପି. ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ କ୍ରୟ ଅବ୍ୟବସ୍ଥା ନେଇ ଦାବିପତ୍ର

**ଆଠମଲ୍ଲିକ,୨୨।୧(ଡି.ଏନ.ଏ.)**

ଧାନ କ୍ରୟରେ ଅନିୟମିତତା ଓ ଅବ୍ୟବସ୍ଥା ହେଉଥିବା ଅଭିଯୋଗରେ ଶୁକ୍ରବାର ଆଠମଲ୍ଲିକ ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେବା ସମବାୟ ସମିତିରେ କଟ୍‌ନି ଛଟନି ସହ ମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଛି। କ୍ରୟ ଧାନର ପାଖାପାଖି ୬୦ ପ୍ରତିଶତ ୧୦ ଏକରରୁ ଅଧିକ ଜମି ଥିବା ଚାଷୀ ଦେଇଥାନ୍ତି। କିନ୍ତୁ ତଦନ୍ତ ଆଳରେ ସେମାନଙ୍କୁ ଏ ପର୍ଯ୍ୟନ୍ତ ଟୋକନ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏହି ସମୟରେ ଅଭାବୀ ବିକ୍ରିର ସୁଯୋଗ ନେଇ ଦଲାଲମାନେ ସକ୍ରିୟ ହେବା ସହିତ ମାତ୍ର ୧୨୦୦ ରୁ ୧୩୦୦ ଟଙ୍କାରେ ଧାନ କିଣି ମଣ୍ଡିକୁ କବ୍‌ଜା କରୁଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାଗୀରଥି ପ୍ରଧାନଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ମଣ୍ଡଳୀରେ ଆଠମଲ୍ଲିକ ନଗର ମଣ୍ଡଳ ସଭାପତି ଅବନୀ ପ୍ରଧାନ, ଆଇନଜୀବୀ ଭବାନୀ ଶଙ୍କର ଜ୍ୟୋତିଷରାୟ, ରାଜେଶ ମିଶ୍ର, ନିତେଶ ପ୍ରଧାନ, ସତ୍ୟବ୍ରତ ନାଏକ ପ୍ରମୁଖ ଯୋଗଦେଇ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ।


ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଅନ୍ତେବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା



କାର୍ଯ୍ୟକ୍ରମରେ ଅତିଥି, ଅନ୍ତେବାସୀଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୨୨।୧**

**ମହର୍ଷି ଦୟାନନ୍ଦ ସର୍ଭିସ ମିଶନର ପ୍ରତିଷ୍ଠା ଦିବସ**

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନର ୪୧ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ସୁଲତା ଦେଓ, ମୁଖ୍ୟବକ୍ତା ଶିକ୍ଷାବିତ୍ ଶରତ ମିଶ୍ର, ସମ୍ମାନିତ ଅତିଥି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପ୍ରତାପ କୁମାର ଆଚାର୍ଯ୍ୟ, ବିଭୂତି ଭୂଷଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ୪୧ବର୍ଷ ଧରି ଏହି ଅନୁଷ୍ଠାନ ସାମାଜିକ ଏବଂ ନୈତିକ ଦାୟିତ୍ୱ ନିଭାଇ ଆସିଛି। ଅନ୍ତେବାସୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଉଛି, ଯାହା ଏକ ଉଦାହରଣ। ଏଭଳି ଅନୁଷ୍ଠାନ ଦ୍ୱାରା ସମାଜର ଦୁର୍ବଳ ବ୍ୟକ୍ତିଙ୍କ ପ୍ରତିଭା ଲୋକଲୋଚନକୁ ଆସିପାରୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ବୁଧବାର ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପ୍ରତାପ କୁମାର ଆଚାର୍ଯ୍ୟ, ସଭ୍ୟ ନିରଞ୍ଜନ ମିଶ୍ର, ଭାନୁମତୀ ପାଣି, ନିବେଦିତା ରଥ, ସୁବାସ ଚନ୍ଦ୍ର ଦାସ, ପ୍ରଶାନ୍ତ ଦାସ, ଅନୁଷ୍ଠାନର ସଭାପତି ବଂଶୀଧର ମହାପାତ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଗଠନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର, କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୧୯୮୧ରୁ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଆରମ୍ଭ ହୋଇଛି। ଏବେ ଏଠାରେ ପ୍ରାୟ ୫୦୦ ଅନ୍ତେବାସୀ ରହୁଛନ୍ତି।

# ୨୮୦ ନେଲେ ଟିକା, ଜଣେ ଅସୁସ୍ଥ

**କଣିହାଁ,୨୨।୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାରଠାରୁ କରୋନା ପାଇଁ ଟିକାକରଣ କାର୍ଯ୍ୟ ଜାରି ରହିଛି। ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ବେଳେ ଜଣେ ଆଶାକର୍ମୀ ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ଏଠାରେ ୧୨୦ ଜଣଙ୍କୁ ଟିକା ଦିଆଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ମେଡିକାଲ କର୍ମଚାରୀ, ଆଶାକର୍ମୀଙ୍କ ସହିତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର ଓ କର୍ମଚାରୀଙ୍କୁ ମିଶାଇ ମୋଟ ୧୬୦ ଜଣ ସାମିଲ ହୋଇଥିଲେ। ତେବେ ଟିକା ନେବା ପରେ ବିରୁ ପଞ୍ଚାୟତ ବୁଲାଝାର ଗ୍ରାମର ଆଶାକର୍ମୀ ଅନୁପମା ସାହୁ(୪୫) ରାତିରେ ଅସୁସ୍ଥ ହୋଇଥିଲେ। ବିଳମ୍ବିତ ରାତିରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଯାଇଥିଲା। ଶୁକ୍ରବାର ଅପରାହ୍ନ ୪ଟାରେ ସେ ସୁସ୍ଥ ଅନୁଭବ କରିବା ପରେ ନିଜ ଘରକୁ ଯାଇଥିଲେ। ଡାକ୍ତର ଶଶିକାନ୍ତ ତ୍ରିପାଠୀ କହିଛନ୍ତି, ଟିକା ନେବାରେ ଅସୁବିଧା ନାହିଁ। ଆଶାକର୍ମୀ ମାନସିକ ଭାବେ ଦୁର୍ବଳ ହୋଇପଡ଼ିଥିଲେ। ଚିକିତ୍ସା ପରେ ସେ ଠିକ୍ ଅଛନ୍ତି। ଭୟ କରିବାର କାରଣ ନାହିଁ।

# ବ୍ରାଉନ୍ ସୁଗାର, ୨.୯୩ ଲକ୍ଷ ଟଙ୍କା ଜବତ

**ଢେଙ୍କାନାଳ ଅଫିସ, ୨୨।୧**

ଢେଙ୍କାନାଳ ସହରରେ ଧଳାଜହର କାରବାର କାୟା ମେଲାଇବାରେ ଲାଗିଛି। ପୋଲିସ ଆଖିରେ ଧୂଳିଦେଇ ବ୍ୟବସାୟୀମାନେ ବ୍ରାଉନ୍‌ସୁଗାର ବିକ୍ରି କରୁଛନ୍ତି। ଶୁକ୍ରବାର ରାମେଶ୍ୱରପୁର ନିକଟରୁ ଟାଉନଥାନା ପୋଲିସ ୧୦.୪୪୦ ଗ୍ରାମ ଧଳାଜହର ଜବତ କରିଛି। ଏହି ଘଟଣାରେ ଜଣେ ସ୍ଥାନୀୟ ଯୁବକଙ୍କୁ ଗିରଫ କରାଯାଇଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କା ଥିବାରୁ ତାଙ୍କ ନାମ ଗୋପନ ରଖାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ନଗଦ ୨ଲକ୍ଷ ୯୩ ହଜାର ଟଙ୍କା, ଏକ ମୋବାଇଲ, ୨ ଦିଆସିଲି ପ୍ୟାକେଟ, ୬୬ଟି କଲର ପେପର, ଗୋଟିଏ ଡିଜିଟାଲ ଓଜନ ମେସିନ, ଏକ ବଣ୍ଡଲ ଆଲୁମିନିୟମ ଫଏଲ ରୋଲ୍ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୩୭/୨୧, ଦଫା ୨୧ (ବି), ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ ହୋଇଛି। ରାମେଶ୍ୱରପୁର ଅଞ୍ଚଳରେ ବ୍ରାଉନ୍‌ସୁଗାର କାରବାର ହେଉଥିବା ସୂଚନା ମିଳିବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଟାଉନ ଥାନାଧିକାରୀ ନମିତା ନାୟକ ସଦଳବଳ ଚଢ଼ାଉ କରିଥିଲେ।



ଜବତ ଟଙ୍କା ଓ ସାମଗ୍ରୀ।

# ବିପର୍ଯ୍ୟସ୍ତ ଟ୍ରାଫିକ୍ ଦୁର୍ଘଟଣା ବଢ଼ାଉଛି

**ଢେଙ୍କାନାଳ ଅଫିସ, ୨୨।୧**

**ଜିଲାପାଳଙ୍କୁ କଂଗ୍ରେସର ସ୍ମାରକପତ୍ର**

ଢେଙ୍କାନାଳରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଟ୍ରାଫିକ୍ ସମସ୍ୟାର ସମାଧାନ କରିବା ଲାଗି ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ସହରରେ ଅସଜଡ଼ା ଟ୍ରାଫିକ୍ ପାଇଁ ଦୁର୍ଘଟଣା ବଢ଼ିବାରେ ଲାଗିଛି। କଟକଣା ଭାଙ୍ଗି ସହର ଭିତରେ ଭାରିଯାନ ଯାତାୟାତ କରୁଛି। ଗୁରୁବାର ବାଜିଚୌକ୍‌ରେ ଟ୍ରକ୍ ମାଡ଼ିଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରତିଦିନ ଏଭଳି ଅନେକ ଘଟଣା ଘଟୁଛି। ଏହାର ସମାଧାନ ଲାଗି ସହର ଭିତରକୁ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ନିଷେଧ କରିବା, ବସ୍‌ଷ୍ଟାଣ୍ଡଠାରୁ ବାଜିଚୌକ ମଧ୍ୟରେ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୱାନ୍‌ୱେ ବ୍ୟବସ୍ଥା, ଜବାହରଚୌକ ଏବଂ ମେଡିକାଲ ଛକ ମଧ୍ୟରେ ଟ୍ରାଫିକ୍ ପୋଷ୍ଟ ପ୍ରତିଷ୍ଠା, ବାଜିଚୌକ ଓଭରବ୍ରିଜ ବାଟ ଦେଇ ଯାଉଥିବା ଭାରିଯାନ ଚଳାଚଳ ବନ୍ଦ, ସହର ରାସ୍ତାରେ ବୁଲୁଥିବା ବୁଲାପ୍ରାଣୀଙ୍କୁ ଜବତ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲା କଂଗ୍ରେସ କମିଟି ସଭାପତି ସରୋଜ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସୁରେଶ ପାଣିଗ୍ରାହୀ, ନବୀନଚନ୍ଦ୍ର ନାରାୟଣ ଦାସ, ପ୍ରେମଶଙ୍କର ମିଶ୍ର, ଶିଳ୍ପୀଶ୍ରୀ ଶୁଭଦର୍ଶିନୀ ହରିଚନ୍ଦନ, ହାଇଦର ମହମ୍ମଦ, ସଚ୍ଚିଦାନନ୍ଦ ନନ୍ଦ, ରୁଦ୍ର ପ୍ରକାଶ ଶରଣ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ଂଗ୍ରେସ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

# କନ୍ତିଓକାଟେଣିରେ ଭୟାବହ ଅଗ୍ନିକାଣ୍ଡ


ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଘର।

**କାମାକ୍ଷାନଗର, ୨୨।୧(ଡି.ଏନ.ଏ.)**

- ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି
- ବାଛୁରି ଦଗ୍ଧ, ୪ ଗାଈ ଗୁରୁତର

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା କନ୍ତିଓକାଟେଣି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗତିକୃଷ୍ଣ ସାହୁଙ୍କ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ନିଆଁରେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବାବେଳେ ଏକ ବାଛୁରି ଜୀବନ୍ତ ଦଗ୍ଧ ହୋଇଯାଇଛି। ଅନ୍ୟ ୪ ଗାଈ ପୋଡ଼ିଯାଇ ଗୁରୁତର ହୋଇଛନ୍ତି। କାମାକ୍ଷାନଗର ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ଗତିକୃଷ୍ଣଙ୍କ କହିବା ଅନୁଯାୟୀ, ସବୁଦିନ ପରି ରାତିରେ ପରିବାର ସଦସ୍ୟ ଖାଇ ଶୋଇଥିଲେ। ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗି ଚାରିଆଡ଼କୁ ବ୍ୟାପୀ ଯାଇଥିଲା। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏଥିରେ ୩ ବଖରା ଛାରଖାର ହୋଇଯାଇଛି। ଗୁହାଳରେ ୪ ଗାଈ ଏବଂ ବାଛୁରି ଥିଲେ। ନିଆଁରେ ପୋଡ଼ିଯାଇ ବାଛୁରିର ମୃତ୍ୟୁ ହୋଇଯାଇଛି। ବଡ଼କଷ୍ଟରେ ଗାଈମାନଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ ନିଆଁ ଲାଗି ଗୁରୁତର କ୍ଷତ ସୃଷ୍ଟି ହୋଇଛି। ସର୍ବସ୍ୱ ହରାଇ ପରିବାର ଲୋକେ ଖୋଲା ଆକାଶ ତଳେ ମୁଣ୍ଡ ଗୁଞ୍ଜିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାହିବାସୀ ଦାବି କରିଛନ୍ତି।

ଅନ୍ୟପଟେ ଶୁକ୍ରବାର ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇଛି। ତହସିଲଦାର ସଞ୍ଜୟ କୁମାର ରାଉତ କହିଛନ୍ତି, ଆର୍‌ଆଇ ରିପୋର୍ଟ ଦେଇଛନ୍ତି। ବିପନ୍ନ ପରିବାରକୁ ନିୟମ ଅନୁଯାୟୀ ସହାୟତା ପ୍ରଦାନ କରାଯିବ।


## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ

ନ-୧/୯, ନୟାପଲ୍ଲୀ, ପୋ: ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫
ଫୋନ ନଂ. ୦୬୭୪-୨୩୦୧୩୨୪, Email- info@oav.edu.in

ODISHA ADARSHA VIDYALAYA — INSPIRE AND EMPOWER

### ବିଜ୍ଞାପନ

**No. n-33:-** ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ୨୫୦ ଗୋଟି ଆଦର୍ଶ ବିଦ୍ୟାଳୟମାନଙ୍କରେ କେବଳ ଷଷ୍ଠ ଶ୍ରେଣୀ ପାଇଁ ସିଧାସଳଖ ନାମ ଲେଖାଇବା ନିମିତ୍ତ ପ୍ରବେଶିକା ପରୀକ୍ଷା ପାଇଁ ସରକାରୀ/CoR ପାଇଥିବା ଓଡ଼ିଆ ମାଧ୍ୟମ ଓ ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପ୍ରବେଶିକା ପରୀକ୍ଷାରେ ସଫଳତା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ଶତକଡ଼ା ୫୦ ଭାଗ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ଏହି ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଉତ୍କର୍ଷତା ଯୋଗ୍ୟତା ଭିତ୍ତିରେ ଦିବ୍ୟାଧାୟୀ (Day Scholar) ଭାବରେ ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବେ ।

ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟମାନଙ୍କରେ ନାମ ଲେଖାଇବା ପାଇଁ ବ୍ଲକକୁ ଏକ ୟୁନିଟ ଭାବେ ଗ୍ରହଣ କରାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ନାମଲେଖାଇବା ପାଇଁ ଆବେଦନ କରିପାରିବେ ଏବଂ ଯେଉଁ ବ୍ଲକମାନଙ୍କରେ ଆଦର୍ଶ ବିଦ୍ୟାଳୟ ଅଦ୍ୟାବଧି ସ୍ଥାପନ କରାଯାଇପାରି ନାହିଁ, ସେହି ବ୍ଲକର ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅନ୍ୟ ବ୍ଲକରେ ଥିବା ଅନ୍ୟ କୌଣସି ଗୋଟିଏ ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ଆବେଦନ କରିପାରିବେ । ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ ଦେବାକୁ ପଡ଼ିବ ନାହିଁ । **ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ୨୦.୦୨.୨୦୨୧।**

ଆଗ୍ରହୀ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଫର୍ମରେ (ଯାହା ୱେବ୍‌ସାଇଟ୍‌ରେ ଉପଲବ୍ଧ) ଦରଖାସ୍ତ ପୂରଣ କରି ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷ/ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ନିକଟରେ ଦାଖଲ କରିବେ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । **ଉକ୍ତ ପ୍ରବେଶିକା ପରୀକ୍ଷା, ତା.୦୮.୦୩.୨୦୨୧ରିଖରେ ବ୍ଲକରେ ଉଦ୍ଦିଷ୍ଟ କେନ୍ଦ୍ରରେ ଅନୁଷ୍ଠିତ ହେବ ।** ଏତଦ୍‌ବ୍ୟତୀତ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଖାଲିଥିବା ସ୍ଥାନମାନଙ୍କରେ (category wise) ପାର୍ଶ୍ୱିକ ପ୍ରବେଶ (lateral entry)ର ମଧ୍ୟ ବ୍ୟବସ୍ଥା ରହିଛି । ଏହି ପାର୍ଶ୍ୱିକ ପ୍ରବେଶ ବା lateral entry ପାଇଁ ଫର୍ମ ମଧ୍ୟ ୱେବସାଇଟରେ ଉପଲବ୍ଧ ଅଛି । ଉକ୍ତ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ନିୟମାବଳୀ **www.oav.edu.in**ରୁ ମିଳିପାରିବ। ଛାତ୍ରଛାତ୍ରୀମାନେ ଯେଉଁ ବ୍ଲକର ଯେଉଁ ବିଦ୍ୟାଳୟରେ ପଢ଼ିବାକୁ ଇଚ୍ଛୁକ ନିର୍ଦ୍ଦିଷ୍ଟ ଭାବରେ ଦରଖାସ୍ତରେ ସୂଚନା ଦେବେ । ବିଭିନ୍ନ ବିଭାଗରେ ସଂରକ୍ଷଣ ଚାହୁଁଥିବା ଛାତ୍ରଛାତ୍ରୀମାନେ ନିର୍ଦ୍ଦିଷ୍ଟ ଜାତିଗତ ପ୍ରମାଣପତ୍ର ସହ ଆବେଦନ କରିପାରିବେ । ଚଳିତ ବର୍ଷ ବ୍ଲକମାନଙ୍କରେ ଖୋଲିବାକୁ ଯାଉଥିବା ୨୫୦ ଗୋଟି ବିଦ୍ୟାଳୟର ତାଲିକା ୱେବସାଇଟ୍‌ରେ ଉପଲବ୍ଧ ଅଟେ । ଏଥିସହିତ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଦର୍ଶାଇ ଦିଆଯାଉଅଛି ଯେ ବର୍ତ୍ତମାନ ପାଇଁ ରାଜ୍ୟର ୫୦ ଗୋଟି ଆଦର୍ଶ ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ରହିଥିବା ଆବାସିକ ବ୍ୟବସ୍ଥାର ତାଲିକା ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି । କୌଣସି ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟକୁ ଯିବା ଆସିବା ନିମନ୍ତେ ଯାନବାହନର ବ୍ୟବସ୍ଥା କରାଯାଇନାହିଁ । ନାମଲେଖାଇବା ପରେ ଛାତ୍ରଛାତ୍ରୀମାନେ ନିଜ ସୁବିଧାରେ ରହିବେ ଏବଂ ବିଦ୍ୟାଳୟକୁ ଯିବାଆସିବା କରିବେ ।

ସ୍ୱାକ୍ଷର
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ

OIPR-27029/11/0003/2021

## ସଂକ୍ଷେପରେ

### ଭଗ୍ନ ଅବସ୍ଥାରେ ନେତାଜୀଙ୍କ ପ୍ରତିମୂର୍ତ୍ତି

**ଆଜି ଜୟନ୍ତୀ**



**ଅନୁଗୋଳ ଅଫିସ, ୨୨।୧:** ଆଜି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ। ସାରା ଦେଶରେ ସ୍ୱତନ୍ତ୍ର ଭାବେ ଏହି ଦିବସକୁ ପାଳନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଅନୁଗୋଳ ପୌରାଞ୍ଚଳ ଶିମିଳିପଡ଼ା ଛକ ନେତାଜୀ ଶିଶୁ ଉଦ୍ୟାନରେ ଥିବା ଏହି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ଥିବାରୁ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗତବର୍ଷ ଏହି ପ୍ରତିମୂର୍ତ୍ତି ଭଙ୍ଗା ଅବସ୍ଥାରେ ଥିଲେ ବି ପୌରପାଳିକା ଜୟନ୍ତୀ ପାଳିଥିଲା। ଇତିମଧ୍ୟରେ ବର୍ଷଟିଏ ବିତିଯାଇଥିଲେ ମଧ୍ୟ ମରାମତି ଦିଗରେ ଦୃଷ୍ଟି ଦିଆଯାଇ ନାହିଁ। ଏ ନେଇ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ଥିବା ନଜରକୁ ଆସିଛି। ଏହାକୁ ତୁରନ୍ତ ମରାମତି କରାଯିବ।

### ନୂଆ କର୍ମକର୍ତ୍ତା ଚୟନ

**ଅନୁଗୋଳ ଅଫିସ, ୨୨।୧:** ଭରତପୁର କଲୋନୀସ୍ଥିତ କଳିଙ୍ଗ ଭାରତୀ କ୍ଲବରେ କୋଲ୍ ଇଣ୍ଡିଆର ଅବସରପ୍ରାପ୍ତ ତଥା ପେନ୍‌ସନ୍‌ଭୋଗୀଙ୍କୁ ନେଇ ସଂଘ ଗଠନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋପାଳ ଚନ୍ଦ୍ର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ପେନସନ ରାଶି ସହ ଅନ୍ୟାନ୍ୟ ସୁବିଧା, ସଂଶୋଧନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାର ସମାଧାନ ନ ହେଲେ ଫେବୃୟାରୀ ୧୫ରେ ସିଏମ୍‌ପିଏଫ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ସଭାପତି ଭାବେ ଗୋପାଳ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଚୟନ କରାଯାଇଥିବାବେଳେ ସହ ସଭାପତି ଭାବେ ପ୍ରତାପ ଗଡନାୟକ, ରମେଶ ଚନ୍ଦ୍ର ପ୍ରଧାନ ଓ ବିଷ୍ଣୁଚରଣ ପଟ୍ଟନାୟକ, ଉପଦେଷ୍ଟା ପ୍ରମୋଦ ଚନ୍ଦ୍ର ସାହୁ, ସଂଯୋଜକ ନିର୍ମଳ ଚନ୍ଦ୍ର ସାହୁ, ସମ୍ପାଦକ କୁଞ୍ଜ ବିହାରୀ ସାହୁ, ସହ ସମ୍ପାଦକ ବିଭୂତି ଭୂଷଣ ଦାସ ଏବଂ କୋଷାଧ୍ୟକ୍ଷ ଉମେଶ ଚନ୍ଦ୍ର ବିଶ୍ୱାଳଙ୍କୁ ଚୟନ କରାଯାଇଥିଲା।

### ୯ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୨।୧:** ଅନୁଗୋଳ ଜିଲାରୁ ଶୁକ୍ରବାର ୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ ସଂଖ୍ୟା ୧୨ ହଜାର ୨୧୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ସର୍ବାଧିକ ୪ ଜଣ, ବଣାରପାଳ ବ୍ଲକରୁ ୩, ଅନୁଗୋଳ ପୌରାଞ୍ଚଳରୁ ଜଣେ ଓ ତାଳଚେର ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୧୭ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### କୋଇଲା ଡିପୋ ବନ୍ଦ ଦାବି

**ବଇଣ୍ଡା,୨୨।୧(ଡି.ଏନ.ଏ.):** କିଶୋରନଗର ବ୍ଲକ ଗୁଣ୍ଡୁରୀମୁଣ୍ଡା ଗ୍ରାମରେ ନିର୍ମାଣ ହୋଇଥିବା କୋଇଲା ଡିପୋ ଚାଲୁହେବା ଦ୍ୱାରା ପରିବେଶ ଦୂଷିତ ହେବ। ଏ ନେଇ ସାମାଜିକ କର୍ମୀ ସଞ୍ଜିତ ପଟ୍ଟନାୟକ, ଶିବରାମ ଦାସ, ବସନ୍ତ ପ୍ରଧାନ, ରାକେଶ ଶତପଥୀ ଜିଲାପାଳଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ସେମାନେ ଉଲ୍ଲେଖ କରିଛନ୍ତି, କୋଇଲା ଡିପୋକୁ ପୂର୍ବରୁ ବିରୋଧ କରାଯାଇଥିଲା। ଏହା ଚାଲୁ ହୋଇଥିବାରୁ ପରିବେଶ ଦୂଷିତ ହେବ। ଜାମୁନାଳୀ, ବଇଣ୍ଡା, ଲୁହାମୁଣ୍ଡା, ଡେବେରୀପାଲି, ବଣିନାଳି, ହଣ୍ଡପା ଆଦି ଗ୍ରାମ ପ୍ରଦୂଷିତ ହେବ। ତେଣୁ ଡିପୋକୁ ବନ୍ଦ କରିବା ପାଇଁ ଅଭିଯୋଗପତ୍ରରେ ଦାବି କରାଯାଇଛି।

### ମୃତକଙ୍କ ପରିବାରକୁ ସହାୟତା

**ମାଧପୁର,୨୨।୧:** ଅନୁଗୋଳ ଜିଲା ମାଧପୁର ରେଞ୍ଜ କିଶୋରନଗର ବ୍ଲକ ସଞ୍ଜାମୁରା ଗ୍ରାମର ନୀଳାମ୍ବର ନାୟକ ଗତବର୍ଷ ଅଗଷ୍ଟ ୪ ତାରିଖରେ ଭାଲୁ ଆକ୍ରମଣରେ ପ୍ରାଣ ହରାଇଥିଲେ। ସେହି ସମୟରେ ତାଙ୍କ ପରିବାରକୁ ବନ ବିଭାଗ ତରଫରୁ ୪୦ ହଜାର ଟଙ୍କା ସହାୟତା ଦିଆଯାଇଥିଲା। ଶୁକ୍ରବାର ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ରେଞ୍ଜ ଅଫିସରେ ରେଞ୍ଜର ସନ୍ତୋଷ ଭୋଇ ନୀଳାମ୍ବରଙ୍କ ପୁଅ ସୁରେଶ ନାୟକଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି। ଫରେଷ୍ଟର ଲିଙ୍ଗରାଜ ବେହେରା ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କ ଉପରୁ କମିବ ଚାପ

**ଅନୁଗୋଳ ଅଫିସ, ୨୨।୧**

ମହାମାରୀ କୋଭିଡ୍-୧୯ ବଦଳାଇ ଦେଇଛି ପଢ଼ା ସହ ପରୀକ୍ଷା ବ୍ୟବସ୍ଥା। ବିଶେଷକରି ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ନିଆଯାଇଛି ବହୁ ନୂଆ ପଦକ୍ଷେପ। ଦୀର୍ଘ ୯ ମାସର ଅନ୍‌ଲାଇନ୍ କ୍ଲାସ ପରେ ଏବେ ୧୦୦ ଦିନିଆ ଅଫ୍‌ଲାଇନ୍ କ୍ଲାସ କରିବାକୁ ସ୍କୁଲ ଆସୁଛନ୍ତି ଏହି ଛାତ୍ରୀଛାତ୍ର। ମେ'ରେ ମାଟ୍ରିକ ପରୀକ୍ଷା ପୂର୍ବରୁ ପାଠ୍ୟକ୍ରମ ଶେଷ ସହ ସମସ୍ତ ପ୍ରସ୍ତୁତି ସାରିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ସରକାରଙ୍କ ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ଦଶମ ଶ୍ରେଣୀ ପିଲାଙ୍କ ପାଇଁ ବଡ଼ ଆଶ୍ୱାସନା ପାଲଟିଛି। କୋର୍ସରେ କାଣ୍ଟଛାଣ୍ଟ, ଫର୍ମପୂରଣ ଫି' ଛାଡ଼ ପରେ ସମ୍ଭାବ୍ୟ ପ୍ରଶ୍ନୋତ୍ତରକୁ ନେଇ ପ୍ରସ୍ତୁତ କରାଯାଉଥିବା 'ପରୀକ୍ଷା ଦର୍ପଣ' ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରିବାକୁ ସରକାର ଘୋଷଣା କରିଛନ୍ତି। ଏହାକୁ ପିଲା ଓ ଅଭିଭାବକ ମହଲରେ ସ୍ୱାଗତ କରାଯାଇଥିବା ବେଳେ ନିଜ ସ୍କୁଲରେ ପରୀକ୍ଷା କେନ୍ଦ୍ର ଏବଂ କମ୍ ନମ୍ବରର ପରୀକ୍ଷା ନେଇ ସରକାରଙ୍କ ବଡ଼ ନିଷ୍ପତ୍ତି ଏବେ ପିଲାଙ୍କୁ ଚାପମୁକ୍ତ କରିବାର ପଥ ଉନ୍ମୁକ୍ତ କରିଦେଇଛି। ଅନୁଗୋଳ ଜିଲାର ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଏପରି ବ୍ୟବସ୍ଥାକୁ ନେଇ ବେଶ୍ ଖୁସି ବୋଲି କହିଛନ୍ତି।

ଅନୁଗୋଳ ଜିଲାରେ ଚଳିତବର୍ଷ ୧୮ ହଜାର ୨ଶହ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ସରକାର ଏ ନେଇ ତାରିଖ ଘୋଷଣା କରିସାରିଥିବାରୁ ପିଲାମାନେ ସେମାନଙ୍କ ପ୍ରସ୍ତୁତି ଚଳାଇଛନ୍ତି। ନିୟମିତ ସ୍କୁଲ ଆସିବା ସହ ଅନ୍‌ଲାଇନ୍ କ୍ଲାସ ବେଳେ ଯାହା କିଛି ଦ୍ୱନ୍ଦ୍ୱ ଥିଲା ତାହାକୁ ଦୂର କରିବାରେ ଲାଗି ପଡ଼ିଛନ୍ତି। ମହାମାରୀ ସମୟରେ ପାଠ ଯେପରି ବୋଝ ନ ପାଲଟେ ସେଥିପାଇଁ ସରକାରଙ୍କ ପକ୍ଷରୁ ମଧ୍ୟ ନାନା ପଦକ୍ଷେପ ନିଆଯାଉଛି। ପୂର୍ବରୁ ପାଠ୍ୟକ୍ରମ ହ୍ରାସ କରାଯାଇଥିବା ବେଳେ ଏବେ ୧୦୦ ବଦଳରେ ୮୦ ନମ୍ବରର ପରୀକ୍ଷା କରାଯିବ ବୋଲି ସ୍ଥିର କରାଯାଇଛି। ଏଥିରେ ୫୦ ମାର୍କ ଅବ୍‌ଜେକ୍ଟିଭ, ୩୦ ମାର୍କ ସବ୍‌ଜେକଟିଭ୍ ପ୍ରଶ୍ନ ରହିବ। ସରକାରଙ୍କ ପ୍ରଦତ୍ତ ପରୀକ୍ଷା ଦର୍ପଣ ପିଲାଙ୍କୁ ଭଲ ଫଳାଫଳ ଆଣିବାରେ ସହାୟକ ହୋଇପାରିବ। ସେହିପରି ଅଢ଼େଇ ଘଣ୍ଟା ପରିବର୍ତ୍ତେ ପରୀକ୍ଷା ସମୟକୁ ୨ ଘଣ୍ଟାକୁ କମାଇ ଦିଆଯାଇଛି। ଅନ୍ୟ ସ୍କୁଲରେ ସେଣ୍ଟର କରାଗଲେ କୋଭିଡ୍ ନିୟମ ପାଳନ ଠିକ୍ ଭାବେ ହୋଇପାରିବ ନାହିଁ ବୋଲି ସରକାର ନିଶ୍ଚିତ ହେବା ପରେ ନିଜ ସ୍କୁଲରେ ହିଁ ଚଳିତବର୍ଷ ପିଲାମାନେ ମାଟ୍ରିକ୍ ପରୀକ୍ଷା ଦେବେ ବୋଲି ଘୋଷଣା କରାଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି।



- ନିଜ ସ୍କୁଲରେ ମାଟ୍ରିକ୍ ପରୀକ୍ଷା ନିଷ୍ପତ୍ତିକୁ ସ୍ୱାଗତ
- ଫର୍ମପୂରଣ ଫି' ଛାଡ଼ ସହ 'ପରୀକ୍ଷା ଦର୍ପଣ' ଦେଇଛି ଆଶ୍ୱାସନା
- କମ୍ ନମ୍ବର ପରୀକ୍ଷା ଯୋଗୁ ଭଲ ଫଳ ନେଇ ଆଶାରେ ପିଲା

**ପ୍ରସ୍ତୁତି ପାଇଁ ସୁବିଧା ହେଲା**



ସରକାର ପରୀକ୍ଷା ଦର୍ପଣ ଯୋଗାଇଦେଲେ ଏହା ପ୍ରସ୍ତୁତିରେ ସର୍ବାଧିକ ସହାୟକ ହେବ। ପୂର୍ବରୁ ଅନ୍‌ଲାଇନ୍ କ୍ଲାସ ଓ ଏବେ ମାତ୍ର ୧୦୦ ଦିନର ସ୍କୁଲ ପାଠପଢ଼ାରେ ଯେଉଁ ଅଭାବ ଛାତ୍ରୀଛାତ୍ରମାନେ ଅନୁଭବ କରୁଥିଲେ ତାହା ଏହି ପୁସ୍ତିକା ପୂରଣ କରିପାରିବ।

-ଅଙ୍କିତା ପ୍ରଧାନ, ଛାତ୍ରୀ

**ଭୟ ରହିବ ନାହିଁ**



କରୋନା ସମୟରେ ନିଜ ସ୍କୁଲକୁ ଆସିବାକୁ ଭୟ ଲାଗୁଥିଲା। ପରୀକ୍ଷା ପାଇଁ ଅନ୍ୟ କେଉଁଠିକୁ ଯିବାକୁ ଥିବାରୁ ଚିନ୍ତା ବଢ଼ିଯାଇଥିଲା। ଯାହାହେଉ ସରକାର ଛାତ୍ରୀଛାତ୍ରଙ୍କ ସୁରକ୍ଷା କଥା ବିଚାର କରି ନିଜ ସ୍କୁଲରେ ପରୀକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି। ଏହା ଆମ ଭୟକୁ ଦୂର କରିଦେଇଛି।

-ଜ୍ୟୋତ୍ସ୍ନାରାଣୀ ଦାସ, ଛାତ୍ରୀ

**ଭଲ ନମ୍ବର ଆସିବ**



ମାଟ୍ରିକ୍ ପରୀକ୍ଷା ଓ ପ୍ରସ୍ତୁତିକୁ ନେଇ ପୂର୍ବରୁ ମନରେ ବହୁ ଦ୍ୱନ୍ଦ୍ୱ ଥିଲା। ହେଲେ ସରକାର ଯୋଗାଇ ଦେବାକୁ ଥିବା ପରୀକ୍ଷା ଦର୍ପଣ ଆମକୁ ଆଶ୍ୱସ୍ତ କରିଛି। ଗୋଟିଏ ବହିରେ ସମସ୍ତ ବିଷୟର ପ୍ରଶ୍ନୋତ୍ତର ଥିବାରୁ ପଢ଼ିବା ସହଜ ହେବ। ପରୀକ୍ଷାରେ ଭଲ ନମ୍ବର ଆଣିବାର ଆଶା ବଢ଼ିଯାଇଛି।

-ବାବା ଚନ୍ଦ୍ରଶେଖର ପ୍ରଧାନ, ଛାତ୍ର

**ଚିନ୍ତା ଦୂର କରିଛନ୍ତି ସରକାର**



ପାଠପଢ଼ା, ଫର୍ମପୂରଣ ଫି' ସହ ପରୀକ୍ଷା ସମସ୍ୟା ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ ଯେଉଁ ଚିନ୍ତା ଥିଲା ତାହା ସରକାର ଦୂର କରିଛନ୍ତି। ପରୀକ୍ଷା ଦର୍ପଣ ପୁସ୍ତିକା ଯୋଗାଇବା ଓ ନିଜ ସ୍କୁଲରେ ପରୀକ୍ଷା ଦେବା ସମ୍ପର୍କିତ ସରକାରଙ୍କ ନିଷ୍ପତ୍ତି ନିଶ୍ଚିତ ସ୍ୱାଗତଯୋଗ୍ୟ।

-ଜୀବନଜ୍ୟୋତି ଦେହୁରୀ, ଛାତ୍ର

**ସମସ୍ୟା ସରଳ ହୋଇଗଲା**



ଏଥର ଆଉ ବିଭିନ୍ନ ଟେଷ୍ଟ ପେପର ଆଣି ପଢ଼ିବାକୁ ପଡ଼ିବ ନାହିଁ। କେବଳ ଗୋଟିଏ ପୁସ୍ତକ ଯଥେଷ୍ଟ ହେବ। ଏହାକୁ ଭଲ ଭାବେ ଅଭ୍ୟାସ କରିଦେଲେ ପରୀକ୍ଷା ଦେବାକୁ ଉତ୍ସାହ ଓ ଆତ୍ମବିଶ୍ୱାସ ବଢ଼ିଯିବ। ଏଥିସହ ନିଜ ବିଦ୍ୟାଳୟରେ ପରୀକ୍ଷା ବ୍ୟବସ୍ଥା ସମସ୍ୟାକୁ ଆହୁରି ସରଳ କରିଦେଲା।

-ଲକ୍ଷ୍ମୀପ୍ରିୟା ସାହୁ, ଛାତ୍ରୀ

**ମାନସିକ ସନ୍ତୁଳନ ଠିକ୍ ରହିବ**



ନିଜ ସ୍କୁଲ ହୋଇଥିବାରୁ କରୋନା ନିୟମାବଳୀ ପାଳନ କରି ପରୀକ୍ଷା ଦେବୁ। ଠିକ୍ ସମୟରେ ପହଞ୍ଚିବା ସହ ଚାପମୁକ୍ତ ହୋଇ ଉତ୍ତର ଲେଖିପାରିବୁ। ପ୍ରସ୍ତୁତି ପାଇଁ ସମୟ ଓ ସୁବିଧା ସରକାର ଯୋଗାଇଥିବାରୁ ଛାତ୍ରୀଛାତ୍ରଙ୍କ ମାନସିକ ସନ୍ତୁଳନ ମଧ୍ୟ ଭଲ ରହିବ।

-ମାମାଲି ଖୁଣ୍ଟିଆ, ଛାତ୍ରୀ

**ପରୀକ୍ଷାକୁ ଶୃଙ୍ଖଳିତ କରିବ**



ସରକାରଙ୍କ ପକ୍ଷରୁ ମାଗଣାରେ ଯୋଗାଇ ଦେବାକୁ ଥିବା ପ୍ରଶ୍ନ, ଉତ୍ତର ସମ୍ବଳିତ ପୁସ୍ତିକା ପରୀକ୍ଷା ଦର୍ପଣ ଆମ ପାଇଁ ଅଧିକ ସହାୟକ ହେବ। ଏବେ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ସରକାର ଠିକ୍ ସମୟରେ ସେଣ୍ଟର ସମ୍ପର୍କରେ ନିଷ୍ପତ୍ତି ନେଇଛନ୍ତି। ଏହା ପରୀକ୍ଷାକୁ ଅଧିକ ଶୃଙ୍ଖଳିତ କରିବ।

-ରାମନାରାୟଣ ମହାପାତ୍ର, ଛାତ୍ର

**ସରକାରଙ୍କ ପଦକ୍ଷେପକୁ ସ୍ୱାଗତ**



ଚଳିତବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଅଭିନବ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଏହା ପିଲାଙ୍କ ମନୋବଳକୁ ଯଥେଷ୍ଟ ବଢ଼ାଇବ। ସେମାନେ ଖୁସିର ସହ ପରୀକ୍ଷା ଦେଇପାରିବେ ଓ ଭଲ ଫଳାଫଳ ମଧ୍ୟ ଆଣିପାରିବେ।

-ବିଜୟ କୁମାର ନନ୍ଦ, ପ୍ରଧାନ ଶିକ୍ଷକ, ଅନୁଗୋଳ ଉଚ୍ଚ ବିଦ୍ୟାଳୟ

## ମାନ ପରୀକ୍ଷା, ଜରିମାନା ଆଦାୟ

**ଅନୁଗୋଳ ଅଫିସ, ୨୨।୧**

ଅନୁଗୋଳ ସହରର ବସ୍‌ଷ୍ଟାଣ୍ଡ, ଗାନ୍ଧୀ ମାର୍ଗ, ମେଡିକାଲ ରୋଡ୍, ହେମସୁରପଡ଼ା ଆଦି ସ୍ଥାନରେ ଶୁକ୍ରବାର ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଯାଞ୍ଚ କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଗୁଟଖା ବିକ୍ରି କରିବା ଅଭିଯୋଗରେ ୨୫ଟି ଦୋକାନୀଙ୍କ ନିକଟରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ବିଭିନ୍ନ ଖାଦ୍ୟ ଦୋକାନରେ ମାନ ଯାଞ୍ଚ କରାଯାଇଛି। ବିନା ଲାଇସେନ୍ସରେ ଖାଦ୍ୟ ବିକ୍ରି କରୁଥିବା ଦୋକାନୀ ୭ ଦିନ ମଧ୍ୟରେ ଲାଇସେନ୍ସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ ହେଲେ ଜରିମାନା ଆଦାୟ କରାଯିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ ହରପ୍ରିୟା ବେହେରା ସୂଚନା ଦେଇଛନ୍ତି। ପୋଲିସ ଏଏସ୍‌ଆଇ ପୂର୍ଣ୍ଣ ଚନ୍ଦ୍ର ବେହେରା, ଜନସ୍ୱାସ୍ଥ୍ୟ ବିଭାଗର ଗୁଣି ବେହେରା, କୁନ୍ଦନ କୁମାର ଓ ନିତାମ୍ବର ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ଭାଇଙ୍କୁ ହତ୍ୟା କଲେ ଭାଇ

**ବଇଣ୍ଡା,୨୨।୧(ଡି.ଏନ.ଏ.)**

କିଶୋରନଗର ଥାନା ଅଙ୍ଗପଡା ନିକଟସ୍ଥ ଦଳିତ ସାହିରେ ବୁଧବାର ମଝିଆଁ ଭାଇ ଗୁଣନିଧି ବେହେରା (୨୬)ଙ୍କୁ ତାଙ୍କ ସାନ ଭାଇ ଜେନାମଣି ବେହେରା ଶାବଳରେ ପିଟି ହତ୍ୟା କରିଛନ୍ତି। ଏ ନେଇ ଗୁଣନିଧିଙ୍କ ସ୍ତ୍ରୀ ମମତା ବେହେରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୧/୨୧ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଜେନାମଣିଙ୍କୁ ଗୁରୁବାର ଗିରଫ କରିଛି। ପୋଲିସ କହିଛି, ପର୍ବ ପାଇଁ କିଛିଦିନ ହେବ ଜେନାମଣି ଓ ଗୁଣନିଧି ବିଭିନ୍ନ ସ୍ଥାନରେ ଟଙ୍କା ମାଗିଥିଲେ। ଏହି ଟଙ୍କା ଭାଗବଣ୍ଟାକୁ ନେଇ ଉଭୟଙ୍କ ମଧ୍ୟରେ ମଙ୍ଗଳବାର ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜେନାମଣି ଗୁଣନିଧିଙ୍କୁ ଶାବଳରେ ମାଡ଼ ମାରିଥିଲା। ସେ ଗୁରୁତର ଅବସ୍ଥାରେ ଅଙ୍ଗପଡା ମେଡିକାଲରେ ଭର୍ତ୍ତି ହେବା ପରେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଜେନାମଣିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ

**ଛେଣ୍ଡିପଦା,୨୨।୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକର ବିଭିନ୍ନ ଗ୍ରାମର ୫ଟି ସ୍ଥାନରେ ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ ପକ୍ଷରୁ ଶୁକ୍ରବାର ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି। କୋଶଳା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ରାମଚଣ୍ଡୀ ଠାକୁରାଣୀଙ୍କ ପୀଠ ସ୍ଥଳ, ପାତ୍ରପଡା ଗ୍ରାମର ବାୟାଣୀ ପୀଠ, ଛେଣ୍ଡିପଦାର ହାଟପଡିଆ, ବାଗଡିଆର ରାଜୀବଭବନ ଓ ବାଲିପଟା ଡାକ୍ତରଖାନା ପରିସରରେ ଏହି ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଉପାଧ୍ୟକ୍ଷା ସୁଷମା ରାଉଳ, ଯୁବନେତା ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, କୋଶଳା ଗ୍ରାମସଭାପତି ବ୍ରଜବନ୍ଧୁ ସାହୁ, ଜିଲାପରିଷଦ ସଦସ୍ୟ ଭାସ୍କର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ରାମଚଣ୍ଡୀ ଠାକୁରାଣୀଙ୍କ ପୀଠସ୍ଥଳର ଗୋଷ୍ଠୀ ଶୌଚାୟକୁ ବ୍ଲକ ଉପାଧ୍ୟକ୍ଷା ଉଦ୍‌ଘାଟନ କରିଥିବାବେଳେ ଅନ୍ୟ ସମସ୍ତ ସ୍ଥାନରେ ବ୍ଲକ ଅଧ୍ୟକ୍ଷ ଫିତା କାଟି ଉଦ୍‌ଘାଟନ କରିଥିଲେ।

## ପୋଲିସର ବ୍ୟବହାରକୁ ନିନ୍ଦା

**ତାଳଚେର,୨୨।୧(ନି.ପ୍ର.)**

ଏମ୍‌ସିଏଲ୍‌ର ମନମୁଖି କାର୍ଯ୍ୟ ସହ ଅନ୍ୟାୟ ବିରୋଧରେ ଆନ୍ଦୋଳନ କରୁଥିବା ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସ କର୍ମକର୍ତ୍ତାଙ୍କୁ ପୋଲିସ ଅପରାଧୀ ଭଳି ବ୍ୟବହାର କରୁଥିବା ସଂଘ ତରଫରୁ ଅଭିଯୋଗ ସହ ନିନ୍ଦା କରାଯାଇଛି। ଏ ନେଇ ରାଜ୍ୟ ମାନବିକ ଅଧିକାର କମିଶନ ଓ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସଂଘ ପକ୍ଷରୁ କୁହାଯାଇଛି ଯେ, ଟ୍ରେନ୍, ହାଇୱା, ଟିପ୍ପର ଯୋଗେ ଏଠାରୁ କୋଇଲା ପରିବହନ ହେଉଛି। କିନ୍ତୁ ପ୍ରଦୂଷଣ ରୋକିବାକୁ ସୁପ୍ରିମକୋର୍ଟଙ୍କ ଆଦେଶ ମୁତାବକ ସେଥିରେ ପାଲଭିଡା ଯାଉ ନ ଥିବାବେଳେ ଶ୍ରମିକମାନଙ୍କ ନାମରେ କୋଟି କୋଟି ଟଙ୍କା ଆତ୍ମସାତ କରାଯାଉଛି। ଏହାକୁ ବିରୋଧ କରି ସଂଘ ବାରମ୍ବାର ଏମ୍‌ସିଏଲ୍‌ର ବିଭିନ୍ନ ଖଣି ମହାପ୍ରବନ୍ଧକ, ତାଳଚେର ଓ ଜିଲା ପ୍ରଶାସନ, ରାଜ୍ୟ ସରକାର ଏବଂ ସିବିଆଇ ନିକଟରେ ଅଭିଯୋଗ କରିଛି। କିନ୍ତୁ ଏଯାଏ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଗତ ୧୩ ତାରିଖ ଗଣଧାରଣା ପୂର୍ବରୁ ଏ ନେଇ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଓ ତାଳଚେର ଉପଜିଲାପାଳଙ୍କୁ ଅବଗତ କରାଯାଇଥିଲା। ୧୨ ତାରିଖ ସନ୍ଧ୍ୟାରେ ଏସ୍‌ଡିପିଓ ତାଙ୍କ କାର୍ଯ୍ୟାଳୟକୁ ଡାକି ଧାରଣା ନ ଦେବାକୁ ବାଧ୍ୟ କରିଥିଲେ। ୪ ଦିନ ଜେଲ୍‌ରେ ଭର୍ତ୍ତି କରିଦିଆଯିବ ବୋଲି ଧମକ ଦେଇଥିଲେ। ତଥାପି ୧୩ ତାରିଖରେ ଜଗନ୍ନାଥ କ୍ଷେତ୍ର କାର୍ଯ୍ୟାଳୟ ନିକଟ ରେଳଧାରଣାରେ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଦିଆଯାଇଥିଲା। ହେଲେ କୋଲିୟରୀ ପୋଲିସ ଆନ୍ଦୋଳନକାରୀଙ୍କୁ ଅପରାଧୀଙ୍କ ଭଳି ବ୍ୟବହାର କରି ସଂଘ ସଭାପତି ରାଜ କିଶୋର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ଗଡନାୟକ, ପୂର୍ବତନ ନଗରପାଳ କେଶବ ଭୂତିଆ, ପ୍ରଦେଶ ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ଜିନେସ୍ ସାହୁଙ୍କୁ ବିଭିନ୍ନ ଦଫା ଲଗାଇ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ନାଲିଆଖି ସତ୍ତ୍ୱେ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।



ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତାମାନେ।

# ଫେରିବ ହକିର ହୃତଗୌରବ

**ଢେଙ୍କାନାଳ ଅଫିସ, ୨୨।୧**

ଢେଙ୍କାନାଳ ଜିଲାରେ ଶେଷନିଃଶ୍ୱାସ ନେଉଥିବା ହକିକୁ ମିଳିବ ପୁନର୍ଜନ୍ମ। ଏହି ଲୋକପ୍ରିୟ ଖେଳ ନୂଆ ରୂପରେ ପଡ଼ିଆକୁ ଫେରିବ। ହକିକୁ କ୍ୟାରିୟର କରିବାକୁ ଇଚ୍ଛୁକ ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କୁ ଦିଆଯିବ ଉଚ୍ଚମାନର ପ୍ରଶିକ୍ଷଣ। ରାଜ୍ୟ ତଥା ଜାତୀୟସ୍ତରରେ ସେମାନେ ଯେଭଳି ନିଜର ଦକ୍ଷତା ଦେଖାଇପାରିବେ ସେଥିଲାଗି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ଏଥିଲାଗି ଶୁକ୍ରବାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଟାଟାଷ୍ଟିଲ ଏବଂ ଟାଟା ଟ୍ରଷ୍ଟର ମିଳିତ ସହଯୋଗରେ ଉଦ୍‌ଘାଟିତ ହୋଇଛି ଉଚ୍ଚମାନର ପ୍ରଶିକ୍ଷଣ କେନ୍ଦ୍ର। ଜିଲାରେ ହକିର ହୃତଗୌରବ ଫେରାଇ ଆଣିବାକୁ ରାଜ୍ୟ ସରକାରଙ୍କ ଏପରି ଉଦ୍ୟମକୁ ସବୁ ମହଲରେ ସ୍ୱାଗତ କରାଯାଇଥିବାବେଳେ ତାଲିମ ପାଇଁ ଖୁବ୍‌ଶୀଘ୍ର ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ କରିବାକୁ କ୍ରୀଡ଼ାବିତ୍ ଏବଂ ପ୍ରଶିକ୍ଷକମାନେ ଦାବି କରିଛନ୍ତି।

ରାଜ୍ୟର କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି ଢେଙ୍କାନାଳ। ପଶ୍ଚିମ ଓଡ଼ିଶା ଭଳି ଏଠାକାର ଅନେକ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ହକିକୁ ନେଇ ରହିଛି ଦୁର୍ବଳତା। ଜିଲାର ବହୁ କ୍ରୀଡ଼ାବିତ୍ ନିଜ ପ୍ରତିଭାର ପରିଚୟ ମଧ୍ୟ ଦେଇସାରିଛନ୍ତି। ତେବେ ସମସ୍ତ ସୁବିଧା ଥିବା ସତ୍ତ୍ୱେ ଇଚ୍ଛା ଶକ୍ତି ଏବଂ ପ୍ରଶିକ୍ଷଣ ଅଭାବ ଯୋଗୁ ଢେଙ୍କାନାଳରେ ହକି ଖେଳ ଧିମେଇ ଯାଇଥିଲା। ଏହାକୁ ପୁଣିଥରେ ଟ୍ରାକ୍‌କୁ ଫେରାଇବାକୁ ଆଞ୍ଚଳିକସ୍ତରରେ ଅଣ୍ଟାଭିଡ଼ିଲେ କେତେଜଣ କ୍ରୀଡ଼ାପ୍ରେମୀ। ପୂର୍ବତନ ଖେଳାଳି ସାଇ ପ୍ରସାଦ ଦଳେଇ ଏବଂ ବାବୁଲ ପ୍ରସାଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କିଛିବର୍ଷ ହେଲା ଆରମ୍ଭ ହୋଇଛି ପ୍ରଶିକ୍ଷଣ କାର୍ଯ୍ୟକ୍ରମ। ସେମାନଙ୍କ ଉଦ୍ୟମରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଦୈନିକ ୪୦ ଝିଅ ଏବଂ ୬୦ ପୁଅଙ୍କୁ ତାଲିମ ଦେଉଛନ୍ତି। ତେବେ ସରକାରୀସ୍ତରରେ ପ୍ରୋତ୍ସାହନର ଅଭାବ ଯୋଗୁ ହକି ପରିସର ସଙ୍କୁଚିତ ହୋଇପଡ଼ିଥିଲା। ଜିଲାରେ ଏହି କ୍ରୀଡ଼ାର ନବକଳେବର କରିବା ଏବଂ ନୂତନ ପ୍ରତିଭା ଚିହ୍ନଟ କରିବାକୁ ଦୀର୍ଘଦିନରୁ ଦାବି ହୋଇ ଆସୁଥିବାବେଳେ ସରକାର ନିବେଦନ ଶୁଣିଛନ୍ତି। ଶୁକ୍ରବାର ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ଟାଟାଷ୍ଟିଲ ଦ୍ୱାରା ଗଠିତ ନାଭାଲ ଟାଟା ହକି ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରରୁ ଭର୍ଚୁଆଲ ମାଧ୍ୟମରେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ସଚିବ ବିଶାଳ କୁମାର ଦେବ, ହକି ତାରକା ପଦ୍ମଶ୍ରୀ ଦିଲୀପ ତିର୍କୀ, ଟାଟାଷ୍ଟିଲ କର୍ପୋରେଟ ସର୍ଭିସ୍ ଉପସଭାପତି ଚାଣକ୍ୟ ଚୌଧୁରୀ, ହକି ଆସ୍ ଫାଉଣ୍ଡେଶନ ଚେୟାରମ୍ୟାନ ଗୌତମ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ କେନ୍ଦ୍ର ନବପ୍ରତିଭା ସୃଷ୍ଟି କରିବାରେ ସହାୟକ ହେବ। ଜିଲାର କ୍ରୀଡ଼ାବିତ୍ ଜାତୀୟସ୍ତରରେ ପହଞ୍ଚିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ପ୍ରଶାସନିକ ଅଧିକାରୀ ସ୍ମୃତିରଞ୍ଜନ ମହାପାତ୍ର, ସୀତାଂଶୁ ଶେଖର ଦାସ, ଶଶାଙ୍କ ଶେଖର ମିଶ୍ର, ଭଜନାନନ୍ଦ ସାହୁ, ସୁଶାନ୍ତ ମିଶ୍ର, ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସଙ୍କ ସମେତ ବହୁ ବରିଷ୍ଠ ହକି ଖେଳାଳି, କୋଚ୍ ଏବଂ ପ୍ରଶିକ୍ଷଣ ନେଉଥିବା ଖେଳାଳି ଉପସ୍ଥିତ ଥିଲେ।



- ଢେଙ୍କାନାଳରେ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ
- ଉପକୃତ ହେବେ ପ୍ରତିଭାବାନ ଯୁବ ଖେଳାଳି
- ସବୁ ମହଲରେ ସ୍ୱାଗତ, ଆନୁଷଙ୍ଗିକ ବ୍ୟବସ୍ଥା ଦାବି

**ନୂତନ କୌଶଳ ଶିଖିବାର ସୁଯୋଗ ମିଳିବ**



ହକି ପ୍ରତି ପିଲାଟି ଦିନରୁ ଦୁର୍ବଳତା ରହିଛି। ସପ୍ତମ ଶ୍ରେଣୀରେ ପଢ଼ିବା ସମୟରୁ ହକି ଖେଳୁଛି। ଦୈନିକ ମିନି ଷ୍ଟାଡିୟମରେ ଅଭ୍ୟାସ କରୁଛି। ଏହି ପ୍ରଶିକ୍ଷଣ କେନ୍ଦ୍ର ଦ୍ୱାରା ନୂତନ କୌଶଳ ଶିଖିବା ଲାଗି ସୁଯୋଗ ମିଳିବ।

-ଯମୁନା ଜେନା, ହକି ଖେଳାଳି

**ଜିଲା ପାଇଁ ଖୁସିର ଦିନ**



ହକି ପ୍ରଶିକ୍ଷଣ ପାଇଁ ପର୍ଯ୍ୟାପ୍ତ ସୁବିଧା ମିଳୁ ନ ଥିଲା। ପ୍ରଶିକ୍ଷଣ କେନ୍ଦ୍ର ଏହି ଅଭାବ ପୂରଣ କରିବ। କର୍ତ୍ତୃପକ୍ଷ ଚାହିଁଲେ ଏଠାରେ ଆଷ୍ଟ୍ରୋଟର୍ଫ ମଧ୍ୟ ହୋଇପାରିବ। ଜିଲାର ହକି ପାଇଁ ଖୁସିର ଦିନ କହିଲେ ଅତ୍ୟୁକ୍ତି ହେବନାହିଁ।

-ସାଇ ପ୍ରସାଦ ଦଳେଇ, କୋଚ୍

**ଅଭ୍ୟାସ ପାଇଁ ଆବଶ୍ୟକ ସାଧନ ମିଳିବ**



ସମ୍ବଲପୁର, ସୁନ୍ଦରଗଡ଼ ସମେତ ରାଜ୍ୟର ୧୦ ସ୍ଥାନରେ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ପ୍ରତିଭାବାନ ଖେଳାଳି ସୃଷ୍ଟି କରିବା ଏବଂ ହକିର ମାନ ବଢ଼ାଇବା ଲାଗି ଟାଟାଷ୍ଟିଲ ଓ ଟାଟାଟ୍ରଷ୍ଟର ଏହି ପ୍ରୟାସ। ପ୍ରଶିକ୍ଷଣ କେନ୍ଦ୍ର ଦ୍ୱାରା ଅଭ୍ୟାସ ପାଇଁ ଆବଶ୍ୟକ ସାଧନ ମିଳିବ।

-ସୁମନ ଚୌଧୁରୀ, ଗ୍ରାସ୍‌ରୁଟ୍ କୋଅର୍ଡିନେଟର

**ବାହାରିବେ ପ୍ରତିଭାବାନ କ୍ରୀଡ଼ାବିତ୍**



ହକି ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟକ୍ଷମ ହେବା ପରେ ଜିଲାର ହକି ଖେଳାଳିଙ୍କୁ ଭଲ କୋଚ୍ ଏବଂ କୋଚିଂ ମିଳିବ। ମହିଳା କ୍ରୀଡ଼ାବିତ୍‌ଙ୍କ ପାଇଁ ସ୍ୱତନ୍ତ୍ର ଭାବେ ମହିଳା କୋଚ୍ ରହିବେ। ଜିଲାରୁ ପ୍ରତିଭାବାନ କ୍ରୀଡ଼ାବିତ୍ ବାହାରିବେ। ତା' ସହିତ ହକିର ପ୍ରସାର ନିଶ୍ଚିତ ହେବ।

-ପ୍ରଦୀପ୍ତ କୁମାର ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ

